ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ(ସ୍ୱତନ୍ତ୍ର ପ୍ରତିଷ୍ଠାନ) ବିଭାଗ

***

ସଂଖ୍ୟା 1094 /ସ୍ୱ.ପ୍ର ତା- 07.08.2024

GAD-SEA-MISC-0010-2019

ପ୍ରେରକ,

ଶ୍ରୀ ଶଶାଙ୍କ ଶେଖର ଦାଶ

ଅତିରିକ୍ତ ଶାସନ ସଚିବ

ପ୍ରାପକ,

ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ପ୍ରମୁଖ ଶାସନ/

କମିଶନର ତଥା ଶାସନ ସଚିବ/ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର/

ସମସ୍ତ ରାଜସ୍ୱ ଡିଭିଜନାଲ ଆୟୁକ୍ତ/ସମସ୍ତ ଜିଲ୍ଲାପାଳ ।

ବିଷୟ:- ରାଜ୍ୟର ସମସ୍ତ ବର୍ଗର(କ, ଖ, ଏବଂ ଗ) କର୍ମଚାରୀଙ୍କ ପାଇଁ ଅଦ୍ୟ ବିଦ୍ୟମାନ ଥିବା **PAR/ CCR** ଫରମାଟରୁ **"5T ଚାର୍ଟର"** ଏବଂ **"ମୋ ସରକାର"** ର ମୂଲ୍ୟାଙ୍କନ ପାଇଁ ଦିଆଯାଇଥିବା ପ୍ରାଧାନ୍ୟର ପ୍ରତ୍ୟାହାର ସମ୍ବନ୍ଧରେ ।

ମହାଶୟା/ ମହାଶୟ,

ମୁଁ ନିର୍ଦ୍ଦେଶକ୍ରମେ ଜଣାଉଛି ଯେ, ରାଜ୍ୟ ସରକାର ହୃଦୟଙ୍ଗମ କଲେ କି ବର୍ତ୍ତମାନ ପରିପ୍ରେକ୍ଷୀରେ **"5T ଚାର୍ଟର"** ଏବଂ **"ମୋ ସରକାର"** ମୂଲ୍ୟାଙ୍କନର କୌଣସି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ନଥିବାରୁ, ଉକ୍ତ ଉପାଦାନ ଗୁଡିକୁ ରାଜ୍ୟର ସମସ୍ତ ବର୍ଗର (କ, ଖ, ଏବଂ ଗ) କର୍ମଚାରୀଙ୍କ ପାଇଁ ଅଦ୍ୟ ବିଦ୍ୟମାନ ଥିବା **PAR / CCR** ଫରମାଟରୁ ପ୍ରତ୍ୟାହାର କରି, ୨୦୧୯-୨୦ ପୂର୍ବରୁ ପ୍ରଚଳିତ **PAR / CCR** ଫରମାଟକୁ ୨୦୨୪-୨୫ ଠାରୁ ପୁନଶ୍ଚ ପ୍ରଚଳନ କରିବାକୁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ଆପଣଙ୍କ ବିଶ୍ୱସ୍ତ,

ଶଶାଙ୍କ ଶେଖର

(ଶଶାଙ୍କ ଶେଖର ଦାଶ) ୭/୮/୨୦୨୪

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- 1095 / ସ୍ୱ ପ୍ର ତା- 07.08.2024

ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ ଙ୍କ ବ୍ୟକ୍ତିଗତ ସଚିବ, ସମସ୍ତ ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ , ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- 1096 / ସ୍ୱ ପ୍ର ତା- 07.08.2024

ଏହାର ଏକକିତା ନକଲ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ସିଏମଜିଆଇ(**CMGI**), ଓଡିଶା, ଭୁବନେଶ୍ୱର ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏଥି ସହ ଅନୁରୋଧ କରାଯାଉଅଛି କି ରାଜ୍ୟର ସମସ୍ତ ବର୍ଗର (କ, ଖ, ଏବଂ ଗ) କର୍ମଚାରୀଙ୍କ ପାଇଁ ଅଦ୍ୟ ବିଦ୍ୟମାନ **PAR / CCR** ଫରମାଟରୁ "**5T ଚାର୍ଟର**" ଏବଂ "**ମୋ ସରକାର**" ମୂଲ୍ୟାଙ୍କନ ପାଇଁ ଦିଆଯାଇଥିବା ପ୍ରାଧାନ୍ୟର ପ୍ରତ୍ୟାହାର କରିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନିଆଯାଉ ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ- 1097 / ସ୍ୱ ପ୍ର ତା- 07.08.2024

ଏହାର ଏକକିତା ନକଲ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସମସ୍ତ ଶାଖାକୁ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ